# ବିଜ୍ଞପ୍ତି

## ଓଡ଼ିଶା ଲଳିତ କଳା ଏକାଡେମୀ
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
## ଓଡ଼ିଶା ସରକାର

ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରଥମ କରି ଓଡ଼ିଶାର ଯୁବ ଶିଳ୍ପୀମାନଙ୍କୁ ପ୍ରୋସାହିତ କରିବା ପାଇଁ ୧୩ ଗୋଟି ବିଭାଗରେ

**"ଯୁବ ପୁରସ୍କାର"**

ସହିତ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି

ଏବଂ

ଶିଶୁମାନଙ୍କ କଳାର ବିକାଶ ପାଇଁ ୩ଟି ବର୍ଗରେ ୧୫ ଗୋଟି

**"ଶିଶୁ ପ୍ରତିଭା ପୁରସ୍କାର"**

ସହ ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଏଥିପାଇଁ ନିୟମାବଳୀ ଓ ଆବେଦନ ଫର୍ମ ଓଡ଼ିଶା ଲଳିତ କଳା ଏକାଡେମୀ ୱେବସାଇଟ୍‌ରେ ଉପଲବ୍ଧ ।

ଯୁବ ଶିଳ୍ପୀ ପୁରସ୍କାରରେ ଭାଗ ନେବା ପାଇଁ ଶିଳ୍ପୀଙ୍କ ବୟସ ୧୮ ବର୍ଷରୁ ୪୦ ବର୍ଷ ହୋଇଥିବା ଆବଶ୍ୟକ ଏବଂ ଶିଶୁ ପୁରସ୍କାର ପାଇଁ ୪ ବର୍ଷରୁ ୭ବର୍ଷ ଉପ-କନିଷ୍ଠ ବର୍ଗ, ୮ ବର୍ଷରୁ ୧୨ ବର୍ଷର କନିଷ୍ଠ ବର୍ଗ ଓ ୧୩ ବର୍ଷରୁ ୧୭ ବର୍ଷ ବରିଷ୍ଠ ବର୍ଗରେ ଅଂଶ ଗ୍ରହଣ କରିପାରିବେ ।

ନିର୍ଦ୍ଧାରିତ ଫର୍ମ ( ଆବେଦନ ପତ୍ର) ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ କରି ଇଚ୍ଛୁକ ଶିଳ୍ପୀ ପ୍ରାର୍ଥୀ / ପ୍ରାର୍ଥୀନୀ ଏକାଡେମୀ କାର୍ଯ୍ୟାଳୟରେ ତା. ୧୧.୧୨.୨୦୨୩ ରିଖରୁ ତା. ୨୬.୧୨.୨୦୨୩ ରିଖ ସୁଦ୍ଧା ଆବେଦନ ପତ୍ର ଡାକ ଦ୍ୱାରା କିମ୍ବା ଏକାଡେମୀ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ଦାଖଲ କରିବା ହେବେ । ଧାର୍ଯ୍ୟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ସ୍ୱାକ୍ଷର
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

**ଓଡ଼ିଶା ଲଳିତ କଳା ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ଦୂରଭାଷ - ୦୬୭୪-୨୪୩୧୬୧୧, ୨୪୩୧୬୧୨
Website - www. odishalalitkalaakademi.org
Email - odishalka1962@gmail.com

**ପରିଶିଷ୍ଟ-'କ'**

## ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

## "ଯୁବ ପୁରସ୍କାର" ନିୟମାବଳୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶା ଲଳିତ କଳା ଏକାଡେମୀ **"ଯୁବ ପୁରସ୍କାର"** ପ୍ରଦାନ ନିମନ୍ତେ ନିୟମାବଳୀ ।

ପ୍ରତ୍ୟେକ ବର୍ଷ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ନିମ୍ନଲିଖିତ ୧୩ ଗୋଟି ବିଭାଗରେ ଶ୍ରେଷ୍ଠ ବିବେଚିତ ଶିଳ୍ପୀଙ୍କୁ **"ଯୁବ ପୁରସ୍କାର"** ପ୍ରଦାନ କରାଯିବ ।

**୧.** (୧) ପ୍ରତିକୃତି ଚିତ୍ର (Portrait Painting), (୨) ସମସାମୟିକ ଚିତ୍ରକଳା, (୩) ଜଳରଙ୍ଗ ଚିତ୍ର, (୪) ଡ୍ରଇଂ ବିଭାଗ (୫) ପଟ୍ଟଚିତ୍ର ବିଭାଗ, (୬) ଆଦିବାସୀ ଚିତ୍ରକଳା ବିଭାଗ, (୭) ଆଧୁନିକ ଭାସ୍କର୍ଯ୍ୟ, (୮) ପାରମ୍ପରିକ ଭାସ୍କର୍ଯ୍ୟ, (୯) ଟେରାକୋଟା ଭାସ୍କର୍ଯ୍ୟ, (୧୦) ମୁଦ୍ରଣ କଳା ବିଭାଗ (୧୧) ଇନଷ୍ଟଲେସନ ଆର୍ଟ (୧୨) କଳା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂତନ ବିଭାଗ (୧୩) ଫଟୋ ଗ୍ରାଫି ।

**୨.** ଶିଳ୍ପୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୪୦ ବର୍ଷରୁ କମ ହୋଇଥିବା ଆବଶ୍ୟକ । (ଆବେଦନ ପତ୍ର ସହ ପ୍ରମାଣ ପତ୍ର ସଂଲଗ୍ନ କରିବେ)

**୩.** ପୁରସ୍କାର ନିମନ୍ତେ ଶିଳ୍ପୀମାନେ ଏକାଡେମୀକୁ ନିଜର ସର୍ବନିମ୍ନ ୫ ଟି କଳାକୃତିର ଫଟୋଗ୍ରାଫ (୭"X ୫") ଓ ଜୀବନୀ ବଳୀ ସହ ଆବେଦନ ପତ୍ର ପଠାଇବେ ।

**୪.** ଆବେଦନକାରୀଙ୍କ କେହି ପରିବାର ସଦସ୍ୟ ବା ରକ୍ତ ସମ୍ପର୍କୀୟ ଏକାଡେମୀର କର୍ମଚାରୀ କିମ୍ବା ସଦସ୍ୟ ନଥିବେ । (ଆବେଦନକାରୀ ଏକ ଘୋଷଣାନାମା ଆବେଦନ ପତ୍ର ସହ ସଂଲଗ୍ନ କରିବେ)

**୫.** ଦୁଇଟି ପର୍ଯ୍ୟାୟରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ।

**୬.** ପ୍ରଥମ ପର୍ଯ୍ୟାୟରେ ଆବେଦନ ପତ୍ରକୁ ତନଖି ଏବଂ କଳାକୃତିର ଫଟୋକୁ ତନଖି ୩୯ ଜଣ ଶିଳ୍ପୀଙ୍କୁ ନେଇ ସଂକ୍ଷିପ୍ତ ତାଲିକା ଏକ ଚୟନ କମିଟି ଦ୍ୱାରା ଚୟନ କରାଯିବ ।

**୭.** ୨ୟ ପର୍ଯ୍ୟାୟରେ ସଂକ୍ଷିପ୍ତ ତାଲିକା ଭୁକ୍ତ ଶିଳ୍ପୀଙ୍କୁ ନେଇ ଏକ ଶିବିର ମାଧ୍ୟମରେ ପୁରସ୍କାର ପାଇଁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ ।

୮. ଚୂଡ଼ାନ୍ତ ତାଲିକାରୁ ଅଂଶଗ୍ରହଣକାରୀ ପ୍ରତ୍ୟେକ ଶିଳ୍ପୀଙ୍କୁ ଯାତାୟତ ଓ ରହଣୀ ବାବଦକୁ ଟ. ୫,୦୦୦/- ଓ ଆବଶ୍ୟକ କଳା ସାମଗ୍ରୀ ପାଇଁ ଟ. ୨,୦୦୦/- ଲେଖାଏଁ ପ୍ରଦାନ କରାଯିବ ।

**୯.** ଚୟନ କମିଟି ଗଠନ ପ୍ରଣାଳୀ:-

**(କ) ଚୟନ କମିଟି ୫ ଜଣଙ୍କୁ ନେଇ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତି କ୍ରମେ ଗଠନ କରାଯିବ ।**

**(ଖ) ଅନ୍ୟ ୩ ଜଣ ସଦସ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତି ଦ୍ୱାରା ମନୋନୀତ କରାଯିବ । ଆନ୍ତର୍ଜାତୀୟ ବା ଜାତୀୟ ବା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିଳ୍ପୀଙ୍କୁ କେବଳ ଚୟନ କମିଟିର ସଦସ୍ୟ ରୂପେ ମନୋନୀତ କରାଯିବ । ଓଡ଼ିଶା ଲଳିତ**

**କଳା ଏକାଡେମୀର କାର୍ଯ୍ୟକାରୀ କମିଟି ବା ସାଧାରଣ ପରିଷଦର ସଭ୍ୟ/ ସଭ୍ୟା ବା ଅନ୍ୟ ରକ୍ତ ସମ୍ପର୍କୀୟ ହୋଇନଥିବା ଆବଶ୍ୟକ ।**

**(ଗ) ଚୟନ କମିଟିର ସଦସ୍ୟମାନେ ସେମାନଙ୍କର ପରିବାର ସଦସ୍ୟ (ବିବାହିତ ପୁଅ ବା ଝିଅ) ପ୍ରତିଯୋଗିତାରେ ଅଂଶଗ୍ରହଣ କରିନଥିବା ଆବଶ୍ୟକ । ସେଥିପାଇଁ ସେମାନଙ୍କୁ ଚୟନ ବୈଠକ ପୂର୍ବରୁ ଏକ ଘୋଷଣା ନାମା ଏକାଡେମୀ ସଚିବଙ୍କୁ ପ୍ରଦାନ କରିବା ଆବଶ୍ୟକ ।**

**(ଘ) ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ଚୟନ କମିଟି ସଦସ୍ୟମାନଙ୍କୁ ଟ. ୫,୦୦୦/- ଲେଖାଏଁ ମାନଦେୟ ପ୍ରଦାନ କରାଯିବ ।**

୯. ଚୟନ କମିଟି ନିଷ୍ପତ୍ତି ହିଁ ଚୂଡ଼ାନ୍ତ ।

**୧୦.** ଏହି ପୁରସ୍କାରର ମାନଦେୟ ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅର୍ଥରାଶି (ପ୍ରତ୍ୟେକ ବିଭାଗରେ ଜଣେ) ସହ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ଯାତାୟତ ଓ ରହଣୀ ପାଇଁ ଟ.୫,୦୦୦/- ଅର୍ଥରାଶି ପ୍ରଦାନ କରାଯିବ ।

**୧୧**. ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବ ।

**୧୨.** ଏହି ଅବସରରେ ଏକ ରଙ୍ଗୀନ ପୁସ୍ତିକା ପ୍ରକାଶିତ ହେବ ।

**୧୩.** ଏହି ପୁରସ୍କାର ନିମନ୍ତେ ପ୍ରତିବର୍ଷ ଖବର କାଗଜ ମାଧ୍ୟମରେ ବିଜ୍ଞାପନ ଜରିଆରେ ଆବେଦନ ସମ୍ବନ୍ଧୀୟ ବିବରଣୀ ପ୍ରକାଶିତ ହେବା ସହ ଏକାଡେମୀର ୱେବସାଇଟ www.odishalalitkalaakademi.org ରେ ଉପଲବ୍ଧ ହେବ ।

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

# ଓଡ଼ିଶା ଲଳିତ କଳା ଏକାଡେମୀ

## "ଯୁବ ପୁରସ୍କାର" : ୨୦୨୩ -୨୪

## ଆବେଦନ ପତ୍ର

(ବିଭାଗ: ପ୍ରତିକୃତି ଚିତ୍ର (**Portrait Painting**)/ ସମସାମୟିକ ଚିତ୍ରକଳା/ ଜଳରଙ୍ଗ ଚିତ୍ର/ ଡ୍ରଇଂ ବିଭାଗ/ ପଟ୍ଟଚିତ୍ର ବିଭାଗ/ ଆଦିବାସୀ ଚିତ୍ରକଳା ବିଭାଗ/ ଆଧୁନିକ ଭାସ୍କର୍ଯ୍ୟ/ ପାରମ୍ପରିକ ଭାସ୍କର୍ଯ୍ୟ/ ଟେରାକୋଟା ଭାସ୍କର୍ଯ୍ୟ/ ମୁଦ୍ରଣ କଳା ବିଭାଗ/ ଇନଷ୍ଟଲେସନ ଆର୍ଟ/ କଳା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂତନ ବିଭାଗ/ ଫଟୋ ଗ୍ରାଫି)

(ଆବେଦନ କରୁଥିବା ବିଭାଗରେ ✓ ଚିହ୍ନ ଦିଅନ୍ତୁ)

| ନିଜ ସ୍ୱାକ୍ଷର ସହ ପାସ୍ ପୋର୍ଟ ସାଇଜ ଫଟୋଗ୍ରାଫ ଆଟଚ କରିବା ହେବେ |
|---|

୧. ଯୁବ ଶିଳ୍ପୀଙ୍କ ନାମ: ..............................................................................................

୨. ଜନ୍ମ ତାରିଖ: ............/.........../............ ବୟସ: ......................................

(ଜନ୍ମଗତ ପ୍ରମାଣ ପତ୍ର ସଂଲଗ୍ନ ଆବଶ୍ୟକ) (ତା ୦୧.୦୪.୨୦୨୩ ରିଖ ସୁଦ୍ଧା)

୩. ପିତାଙ୍କ ନାମ: ..............................................................................................

୪. ମାତାଙ୍କ ନାମ: ..............................................................................................

୫. ଲିଙ୍ଗ: ☐ ପୁରୁଷ ☐ ମହିଳା

୬. ଯୋଗଯୋଗ ଠିକଣା: ଗ୍ରାମ/ ସହର: ................................... ପୋଷ୍ଟ: ........................ ଜିଲ୍ଲା: .......................

ପିନ କୋଡ: ..................... ମୋବାଇଲ ନମ୍ବର: ...........................................................

ଇ-ମେଲ: ...........................................................................................................

୭. ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନ ନାମ ଓ ଠିକଣା: .......................................................................

.......................................................................

୮. କଳାକୃତି ସମ୍ପର୍କରେ:- ୧. (କ) ବିଷୟ: ............................................. (ଖ) ମାଧ୍ୟମ: ...................................

(ଗ) ଆକାର: ...........................................................................................................

୨. (କ) ବିଷୟ: ............................................. (ଖ) ମାଧ୍ୟମ: ...................................

(ଗ) ଆକାର: ...........................................................................................................

୩. (କ) ବିଷୟ: ............................................. (ଖ) ମାଧ୍ୟମ: ...................................

(ଗ) ଆକାର: ...........................................................................................................

୪. (କ) ବିଷୟ: ............................................. (ଖ) ମାଧ୍ୟମ: ...................................

(ଗ) ଆକାର: ...........................................................................................................

କ୍ରମଶ...

୫.  (କ) ବିଷୟ: ............................................ (ଖ) ମାଧ୍ୟମ: ...................................

(ଗ) ଆକାର: ..............................................................................................

୯. କଳାକୃତିର ୫ ଟି ଫଟୋଗ୍ରାଫ (୭"x୫") ଆବେଦନ ପତ୍ର ସହ ସଂଲଗ୍ନ କରିବେ ।

ଆବେଦନକାରୀଙ୍କ ସ୍ୱାକ୍ଷର

ବି.ଦ୍ର:- ୧. ଆବେଦନ ପତ୍ର ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ ।

୨. ଆବେଦନ ପତ୍ର ପଞ୍ଜୀକୃତ ଡାକଦ୍ୱାରା ବା ବ୍ୟକ୍ତିଗତ ଭାବରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ । ସମୟସୀମା ବାହାରେ ପ୍ରାପ୍ତ ଆବେଦନ ପତ୍ର ବିଚାର ଯୋଗ୍ୟ ହେବ ନାହିଁ ।

୩. ଶିଳ୍ପୀଙ୍କ ବୟସ ୧୮ ବର୍ଷରୁ ୪୦ ବର୍ଷ ହୋଇଥିବା ଆବଶ୍ୟକ ।

୪. ଗୋଟିଏ ଆବେଦନ ପତ୍ର ଗୋଟିଏ ବିଭାଗ ପାଇଁ ଉଦ୍ଦିଷ୍ଟ ।

୫. ପ୍ରତ୍ୟେକ ଆବେଦନକାରୀ ତାଙ୍କର କୌଣସି ପରିବାର ସଦସ୍ୟ ଏକାଡେମୀର କର୍ମଚାରୀ ବା ପରିଚାଳନା କମିଟି ସଦସ୍ୟ/ ସଦସ୍ୟା ହୋଇନଥିବା ସମ୍ବନ୍ଧୀୟ ଏକ ଘୋଷଣା ନାମା ସଂଲଗ୍ନିତ କରିବା ହେବେ ।

## ଯୁବ ଶିଳ୍ପୀ ପୁରସ୍କାର ପାଇଁ ଘୋଷଣା ନାମା

ମୁଁ ଶ୍ରୀମତୀ/ ଶ୍ରୀ ............................................................ ପିତା/ ସ୍ୱାମୀ ..................................................... ପ୍ରକାଶ କରୁଅଛି ଯେ, ଆମ୍ଭ ପରିବାରର (ପିତା ମାତାଙ୍କ ସମେତ) କୌଣସି ସଦସ୍ୟା/ ସଦସ୍ୟ ଏକାଡେମୀର କର୍ମଚାରୀ ନୁହନ୍ତି ବା ପରିଚାଳନା କମିଟିର ସଦସ୍ୟା/ ସଦସ୍ୟ ମଧ୍ୟ ନୁହନ୍ତି । ଏହା ମିଥ୍ୟା ପ୍ରମାଣିତ ହେଲେ ମୋର ଆବେଦନ ପତ୍ରଟି ଖାରଜ ହୋଇଯିବ ବୋଲି ଘୋଷଣା କରୁଅଛି ।

ଆବେଦନକାରୀଙ୍କ ସ୍ୱାକ୍ଷର